# ତହସିଲଦାରଙ୍କ କାର୍ଯ୍ୟାଳୟ, କଳାହାଣ୍ଡି, ଭବାନୀପାଟଣା

ବିଜ୍ଞାପନ ପତ୍ର ସଂଖ୍ୟା ...୩୦୬୩...  ତା. ...୨୦.୦୮.୨୦୨୦...

## ଲଘୁ ଖଣିଜ ଦ୍ରବ୍ୟ ଦିର୍ଘମିୟାଦୀ ନିମନ୍ତେ ବିଜ୍ଞାପନ

(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ 2017 ଅନୁଯାୟୀ)

ଏତତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଳାହାଣ୍ଡି ଜିଲ୍ଲା ଅଧିନସ୍ଥ ଭବାନୀପାଟଣା ତହସିଲରେ ଥିବା ସାରଣୀ – 1 ଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡ଼ିକ 2020-21 ରୁ 5 ବର୍ଷ ପାଇଁ 05 ବର୍ଷିଆ ଲିଜ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଅଛି ଏବଂ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ତିନି କିତା ଫର୍ମ "M" ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜାତ ଜଉମୁଦ ଲଫାପାରେ ଆସନ୍ତା ତା. 25.08.2020 ରିଖ ଦିବା 11 ଘଟିକା ସମୟରୁ ଆସନ୍ତା ତା, 04.09.2020 ରିଖ ପୂର୍ବାହ୍ନ 12.00 ଘଟିକା ପର୍ଯ୍ୟନ୍ତ ଦହସିଲଦାର, କଳାହାଣ୍ଡିଙ୍କ କାର୍ଯ୍ୟାଳୟରେ ଥିବା DROP BOX ରେ ଦାଖଲ କରିବା ହେବେ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡ଼ିକ ସେହି ଦିନ ତା. 04.09.2020 ଅପରାହ୍ନ 01.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରି ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧୀ ଉପସ୍ଥିତ ରହି ପାରନ୍ତି । ଜଉମୁଦ ଲଫାପା ଦାଖଲ ଦେଲାବେଳେ ନିର୍ଦ୍ଦିଷ୍ଟ ଲଫାପାର ଉପର ଭାଗରେ ସୈରାତ ଉତ୍ସର ନାମ ସଠିକ ରୂପେ ଲେଖିବାକୁ ପଡ଼ିବ । ଦରଖାସ୍ତକାରୀ ଅଲଗା ଅଲଗା ସୈରାତ ଉତ୍ସ ପାଇଁ ଅଲଗା ଅଲଗା ଦରଖାସ୍ତ ଫର୍ମ ଜଉମୁଦ ଲଫାପାରେ ଦାଖଲ ଦେବେ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଦ୍ୱିତୀୟ ଥର ପାଇଁ ତା. 11.09.2020 ରିଖ ଦିବା 11.30 ଘଟିକାରୁ ଅପରାହ୍ନ 3.00 ଘଣ୍ଟା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବେ ଦରଖାସ୍ତ କରିପାରିବେ । ସେ ଗୁଡ଼ିକ ଅପରାହ୍ନ 3.00 ଘଟିକା ସମୟରେ ଉକ୍ତ ଦିନ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧୀ ଉପସ୍ଥିତ ରହି ପାରନ୍ତି । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଳାହାଣ୍ଡି ଜିଲ୍ଲା Website – http://kalahandi.nic.in ରେ ଉପଲବ୍ଧ ଅଟେ ।

୨୦/୦୮/୨୦୨୦

ତହସିଲଦାର, କଳାହାଣ୍ଡି

**TAHASILDAR**

**KALAHANDI**

ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ :–

1. ଦରଖାସ୍ତ ଫିସ ବାବଦକୁ ଟ୍ରେଜେରି ଚାଲାଣ ର (ମୂଳକପି) ଟ. 1,000/- (Non refundable) **(Head of Account ("0853-Non-Ferrous Mining and Metallurgical Industries – 102 – Mineral Concession fees, Rents and Royalties")** ଦାଖଲ କରିବେ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ. ପ୍ଲଟ ନଂ. ରକବା ଏବଂ କିସମ ର ସଠିକ ତଥ୍ୟ ଲେଖିବା ସହିତ ଏହାର ନକସା ସଂଲଗ୍ନ କରିବା ବିଧେୟ ।
3. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ବାବଦରେ ଓଡ଼ିଶା ସରକାରଙ୍କର କୌଣସି ଦେୟ ବକେୟା ନ ଥିବା ସମ୍ବନ୍ଧରେ ଏକ ସତ୍ୟ ପାଠ ଦାଖଲ କରିବେ ।
4. ଦରଖାସ୍ତକାରୀ ସାରଣୀ – 1 ର ସ୍ତମ୍ଭ – 11 ରେ ଦର୍ଶିତ ମୂଲ୍ୟ ବା ତଦୁର୍ଦ୍ଧ ମୂଲ୍ୟର Bank Guarantee ଯାହାର ଅବଧି ପରବର୍ତ୍ତି 18 ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।
5. ସାରଣୀ – 1 ରେ ଦର୍ଶିତ ସ୍ତମ୍ଭ – 12 ରେ ଲିଖିତ EMD ମୂଲ୍ୟର BANK DRAFT Tahasildar, Kalahandi & Payable at SBI, Main Branch, Bhawanipatna ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନଥିବା ନିଲାମଧାରିଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରୀକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

   ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡ଼ିକ ଦାଖଲ ନ ଦେଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

- କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।
- ସମସ୍ତ ଦରଖାସ୍ତକାରୀ Odisha Minor Mineral Concession Rules 2016 ଓ Odisha Minor Mineral Concession (Amendment) Rules 2017 ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ ।

**ଏତଦ୍ ବ୍ୟତୀତ ଦରଖାସ୍ତକାରୀମାନେ ନିମ୍ନୋକ୍ତ ସର୍ତ୍ତ ଗୁଡ଼ିକ ସମ୍ବନ୍ଧରେ ଧ୍ୟାନ ରଖି ଦରଖାସ୍ତ କରିବା ପାଇଁ ଅବଗତି କରାଯାଉଅଛି ।**

1. ଦରଖାସ୍ତ ଦେବା ପୂର୍ବରୁ ସୈରାତ ଉତ୍ସ ଗୁଡ଼ିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।
2. ଯଦି କୌଣସି ବାଲିଘାଟ/ପଥର ଘାଟକୁ ସରକାରି ରାସ୍ତା ନ ଥିବ ତେବେ ନିଲାମଧାରି ରାସ୍ତାର ବ୍ୟବସ୍ଥା ନିଜେ କରିବେ ।
3. OMMC Rules, 2016 ଅନୁଯାୟୀ ବାଲି ଉତ୍ସ ପାଇଁ ବାଲି ର Royalty ପ୍ରତି ଘନ ମିଟର ପିଛା 35 ଟଙ୍କା ଏବଂ ପଥର ଉତ୍ସ ପାଇଁ ପ୍ରତି ଘନ ମିଟର ପିଛା 130 ଟଙ୍କା ଧାର୍ଯ୍ୟ ହୋଇଅଛି । ଏହା ଅପରି ବର୍ତ୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ – 1 ର ସ୍ତମ୍ଭ – 9 ରେ ଲିଖିତ

ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି ତା ହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form – JA ମାଧ୍ୟମରେ ଏ ବିଷୟରେ ଜଣାଇ ଦିଆଯିବ । ଏବଂ ତାଙ୍କର ସହମତି 15 ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।

4. ଉତ୍ସ ପରିଚାଳନା ପୂର୍ବରୁ ନିଲାମଧାରୀଙ୍କୁ E.C. ଓ Mining Plan ପ୍ରସ୍ତୁତ ଖର୍ଚ୍ଚ ପଇଠ କରିବାକୁ ପଡ଼ିବ । ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ଶାଖା, ରାୟଗଡ଼ାଙ୍କ ଠାକୁ CTE (Consent to Establish) / CTC )Consent to Operate) ର ଆଦେଶ ମଧ୍ୟ ଉତ୍ସର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ ଦେବାକୁ ହେବ ।

5. ଏଥିସହ Royalty or Dead Rent, Surface Rent, Fees for compensatory afforestation / Fees for Environment Management Fund (EMF) / Fees for District Mineral Foundation (DMF) ଏବଂ Income Tax ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ Indian Registration Act. & Stamp Act. ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ନିଜ ଖର୍ଚ୍ଚରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରହ୍ୟ କରାଯିବ ଏବଂ Security Deposit କୁ ବ୍ୟାଜାପ୍ତ କରାଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅନୁରୂପ ସର୍ତ୍ତ ପାଳନ ସହ ନିଲାମ ନେବାପାଇଁ ସୁଯୋଗ ପ୍ରଦାନ କରାଯିବ ।

6. ଯଦି ଲିଜଧାରୀଙ୍କର ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କର ଉତ୍ତରାଧିକାରୀ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରି ପାରିବେ ।

7. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ ସମୟରେ ସରକାରୀ ଦେୟ ପୈଠ ନ କରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ତାଙ୍କୁ ସୁଯୋଗ ଦିଆଯିବ ।

8. ହିସାବ ଅନୁଯାୟୀ ରୟାଲଟି ଏବଂ Additional Charge ର 5 % ଓ ଅନ୍ୟାନ୍ୟ ଦେୟ ନଗଦ କିମ୍ବା Demand Draft ଆକାରରେ ଦାଖଲ କରିବେ ।

9. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ Concrete Pillar ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ Display Board ତିଆରିକରି ସେଥିରେ ସୈରାତ ଉତ୍ସର ନକ୍ସା ସହିତ ଉତ୍ସର ନାମ, ଜମିର ବିବରଣୀ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ।

10. ବାର୍ଷିକ ମୋଟ ଦେୟ ର 2 % ଲିଜ ଧାରୀ ଆୟକର (TCS) ଆକାରରେ ଟଙ୍କା ଜମା କରିବେ ।

11. ନିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

12. ଲିଜ ଦିଆଯାଇଥିବା ଅବଧି ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

13. ଲଘୁ ଖଣିଜ ପଦାର୍ଥ ପାଇଁ Royalty, Surface Rent, Dead Rent, DMF, EMF & I.T. ନିମ୍ନ ମତେ ଧାର୍ଯ୍ୟ ହୋଇଅଛି ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବାକୁ ପଡ଼ିବ ।

| | |
|---|---|
| 1. Sand (per cubic meter) | Rs. 35.00 (Royalty) + 5% Addl. Charge |
| 2. Stone (per cubic meter) | Rs. 130.00 (Royalty) + 5% Addl. Charge |
| 3. Surface Rent | Rs. 360.00 (ପ୍ରତିବର୍ଷ) |
| 4. Dead Rent (per hac.) | Rs. 10500.00 (for sand) ଏବଂ |
| | Rs. 18,000/- (for stone) (ଯଦି ଦରକାର ହୁଏ) |
| 5. DMF | Royalty ର 10% |
| 6. EMF | Royalty ର 5 % |
| 7. I.T. | Royalty ର 2 % |

14. ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR Case ମାଧ୍ୟମରେ ଆଦାୟ କରାଯିବ ।

ଲିଜ ଚୁକ୍ତିନାମା ଦସ୍ତଖତ ପରେ ଯଦି କୌଣସି ଲିଜ ଧାରୀ Odisha Minor Mineral Concession Rules, 2016 ଏବଂ Odisha Minor Mineral Concession (Amendment) Rules 2017 ର ଉଲଂଘନ କରନ୍ତି ତାହେଲେ ଲିଜଧାରିଙ୍କର ଲିଜ କୁ ରାଜ୍ୟ ସରକାରଙ୍କ କ୍ଷମତା ପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ । କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କର ରହିଅଛି ।

ଉକ୍ତ ବିଜ୍ଞାପନ ସମ୍ବନ୍ଧିୟ କୌଣସି ସ୍ପଷ୍ଟିକରଣ ପାଇଁ ନିମ୍ନ ସ୍ୱାକ୍ଷରକାରି ଅଥବା ସମ୍ପୃକ୍ତ ସହାୟକଙ୍କୁ ଯୋଗାଯୋଗ କରିପାରିବେ ।

ଲଘୁ ଖଣିଜ ଉତ୍ସର ସମସ୍ତ ସବିଶେଷ ବିବରଣୀ ସାରଣୀ – 1 ରେ ବର୍ଣ୍ଣିତ ଅଛି ।

ତହସିଲଦାର, କଳାହାଣ୍ଡି
TAHASILDAR
KALAHANDI

ଜ୍ଞାପକ ସଂଖ୍ୟା ...୩୦୭୪...  ତାରିଖ ...୨୦.୦୮.୨୦୨୦...

ଏହାର ଏକକିତା ନକଲ ସମସ୍ତ ତହସିଲଦାର, ଜିଲ୍ଲା – କଳାହାଣ୍ଡି / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭବାନୀପାଟଣା, ରାଜସ୍ୱ ନିରୀକ୍ଷକ, ବୋର୍ଡା, କର୍ଲାପଡ଼ା, କୁଟୁରୁଖମାର, ଭବାନୀପାଟଣା ସଦର, ସମ୍ପୃକ୍ତ ଗ୍ରାମ / ଗ୍ରା.ପ. ସରପଞ୍ଚଙ୍କ ଅବଗତି ତଥା ନୋଟିସ ବୋର୍ଡରେ ପ୍ରକାଶନ କରି ବିସ୍ତୃତ ଭାବେ ପ୍ରଚାର କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କଳାହାଣ୍ଡି
TAHASILDAR
KALAHANDI

ଜ୍ଞାପକ ସଂଖ୍ୟା ...୩୦୭୫...  ତାରିଖ ...୨୦.୦୮.୨୦୨୦...

ଏହାର ଏକକିତା ନକଲ ଜିଲ୍ଲାପାଳ, କଳାହାଣ୍ଡି / ଉପ-ଜିଲ୍ଲାପାଳ, ଭବାନୀପାଟଣାଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଗଲା ।

ତହସିଲଦାର, କଳାହାଣ୍ଡି
TAHASILDAR
KALAHANDI

ଜ୍ଞାପକ ସଂଖ୍ୟା ...୩୦୭୬...  ତାରିଖ ...୨୦.୦୮.୨୦୨୦...

ଏହାର ଏକକିତା ନକଲ କଳାହାଣ୍ଡି, ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଅବଗତି ତଥା ବିସ୍ତୃତ ପ୍ରଚାର କରିବା ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, କଳାହାଣ୍ଡି
TAHASILDAR
KALAHANDI

ଜ୍ଞାପକ ସଂଖ୍ୟା ...୩୦୭୭...  ତାରିଖ ...୨୦.୦୮.୨୦୨୦...

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC) କଳାହାଣ୍ଡିଙ୍କ ଅବଗତି ତଥା ଜିଲ୍ଲା Website ରେ ପ୍ରଦର୍ଶିତ କରିବା ନିମନ୍ତେ ଜଣାଇ ଦିଆଗଲା ।

ତହସିଲଦାର, କଳାହାଣ୍ଡି
TAHASILDAR
KALAHANDI

ଜ୍ଞାପକ ସଂଖ୍ୟା ...୩୦୭୮...  ତାରିଖ ...୨୦.୦୮.୨୦୨୦...

ଏହାର ଏକକିତା ନକଲ ସମ୍ପାଦକ, ଦୈନିକ ଖବର କାଗଜ ସମାଜ ଓ ସମ୍ବାଦ ଙ୍କ ଅବଗତି ଓ ପ୍ରକାଶନ ପାଇଁ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ, ସେମାନେ ଟ. 6000/- ମୂଲ୍ୟ ରେ ପ୍ରକାଶନ କରିବେ ।

ତହସିଲଦାର, କଳାହାଣ୍ଡି
TAHASILDAR
KALAHANDI

**ANNEXURE-1**

## ସୈରାତ ଉତ୍ସର ବିବରଣୀ – 1

| କ୍ର. ନଂ. | ସୈରାତ ଉତ୍ସର ନାମ | ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନାମ | ସୈରାତ ଉତ୍ସ (ପଥର / ବାଲି) | ଖାତା ନଂ. | ପ୍ଲଟ ନଂ. | ଏରିଆ (ଏକର ରେ) | କିସମ | ରୟାଲଟି କର ଟଙ୍କାରେ | ଅତିରିକ୍ତ କର (ଟଙ୍କାରେ) | ଅନ୍ୟୁନ୍ୟ ଉତ୍ତଳନ ପରିମାଣ (in Cum (ବର୍ଷକୁ) | ବ୍ୟାଙ୍କ Guaranty ପରିମାଣ (ଟଙ୍କାରେ) | ଅମାନତ ଅଗ୍ରିମ ଯାହାକି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରିବେ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | କନ୍ଧ ବାନ୍ଧୋପଲା | ସଦର | ପଥର | 157 | 721 | 12.35 | ଡୁଙ୍ଗର | 130.00 | 7.00 | **10,080** | **13,80,960** | **69,048** |
| 2 | ବୋରଗୁଡ଼ା (1) | କର୍ଲାପଡ଼ା | ପଥର | 178 | 932 | 3.00 | ଡୁଙ୍ଗୁରି | 130.00 | 7.00 | **8,190** | **11,22,030** | **56,102** |
| 3 | ହଳଦିଗଡ଼ | କର୍ଲାପଡ଼ା | ପଥର | 432 | 1718 | 1.74 | ଡୁଙ୍ଗୁରି | 130.00 | 7.00 | **4,635** | **6,34,995** | **31,750** |
| 4 | କେନ୍ଦୁଗୁଫକା (1) | କର୍ଲାପଡ଼ା | ପଥର | 86 | 48 | 3.00 | ଡୁଙ୍ଗୁରି | 130.00 | 7.00 | **5,400** | **7,39,800** | **36,990** |
| 5 | କେନ୍ଦୁଗୁଫକା (2) | କର୍ଲାପଡ଼ା | ପଥର | 86 | 83 | 0.71 | ଡୁଙ୍ଗୁରି | 130.00 | 7.00 | **5,850** | **8,01,450** | **40,073** |
| 6 | ଭିକାଝରଣ (1) | କର୍ଲାପଡ଼ା | ପଥର | 214 | 609 | 0.71 | ଚଟାଣ | 130.00 | 7.00 | **1,431** | **1,96,047** | **9,802** |
| 7 | ଭିକାଝରଣ (2) | କର୍ଲାପଡ଼ା | ପଥର | 214 | 160<br>171 | 1.86<br>1.00 | ଚଟାଣ | 130.00 | 7.00 | **2160** | **2,95,920** | **14,796** |
| 8 | ତେନ୍ତୁଳିଚୁଆଁ | କର୍ଲାପଡ଼ା | ପଥର | 85 | 455 | 3.4 | ଡୁଙ୍ଗୁରି | 130.00 | 7.00 | **6,885** | **9,43,245** | **47,162** |
| 9 | ମାଙ୍କଡିପଡ଼ା (1) | କର୍ଲାପଡ଼ା | ପଥର | 158 | 62 | 7.00 | ଡୁଙ୍ଗୁରି | 130.00 | 7.00 | **17,010** | **23,30,370** | **1,16,519** |
| 10 | ବୋରଭଟା | କର୍ଲାପଡ଼ା | ପଥର | 118 | 931 | 2.56 | ଡୁଙ୍ଗୁରି | 130.00 | 7.00 | **1,031** | **1,41,247** | **7062** |
| 11 | କର୍ଲାସୋଡ଼ା (2) | ବୋର୍ଡ଼ା | ପଥର | 413 | 136 | 3.00 | ପର୍ବତ | 130.00 | 7.00 | **8,100** | **11,09,700** | **55,485** |
| 12 | ରୋଜନାଗୁଡ଼ା | କୁଟୁରୁଖମାର | ପଥର | 108 | 286<br>318 | 0.44<br>1.39 | ଚଟାଣ | 130.00 | 7.00 | **1,800** | **2,46,600** | **12,330** |
| 13 | କୁରୁମାଟୁଆଁ | କୁଟୁରୁଖମାର | ପଥର | 54 | 294 | 6.85 | ଚଟାଣ | 130.00 | 7.00 | **70,092** | **96,02,604** | **4,80,130** |
| 14 | ବେହେରାକୁନି | କୁଟୁରୁଖମାର | ପଥର | 34 | 57 | 1.38 | ଡୁଙ୍ଗୁରି | 130.00 | 7.00 | **3,150** | **4,31,550** | **21,578** |
| 15 | ଜୋଜନା ନୁଆପଡ଼ା (1) | ଦେପୁର | ପଥର | 4 | 2 | 3.00 | ଡୁଙ୍ଗୁରି | 130.00 | 7.00 | **8,100** | **11,09,700** | **55,485** |
| 16 | ଜୋଜନା ନୁଆପଡ଼ା (2) | ଦେପୁର | ପଥର | 4 | 34 | 2.00 | ଡୁଙ୍ଗୁରି | 130.00 | 7.00 | **3,600** | **4,93,200** | **24,660** |
| 17 | ବରଗାଁ | ବୋର୍ଡ଼ା | ପଥର | 278 | 147 | 5.35 | ଡୁଙ୍ଗୁରି | 130.00 | 7.00 | **1,530** | **2,09,610** | **10,481** |
| 18 | କୁଟନପଦର | ସଦର | ପଥର | 79 | 109 | 10.50 | ଡୁଙ୍ଗୁରି | 130.00 | 7.00 | **2,075** | **2,84,275** | **14,214** |
| 19 | ତିଲଯୋଡ଼ି | କୁଟୁରୁଖମାର | ପଥର | 182 | 877<br>878 | 0.77<br>4.40 | ଡୁଙ୍ଗୁରି | 130.00 | 7.00 | **1,064** | **1,45,768** | **7,288** |

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| 20 | ଶଗଡ଼ା | ସଦର | ବାଲି | 132 | 1096 | 12.00 | ନଦୀ | 35.00 | 2.00 | **1,714** | **63,418** | **3,171** |
| 21 | କୁସୁମଦର | ସଦର | ବାଲି | 96 | 958 | 4.88 | ନାଳ | 35.00 | 2.00 | **839** | **31,043** | **1,552** |
| 22 | ପାଷ୍ଟିପଡ଼ା (1) | କର୍ଲାପଡ଼ା | ବାଲି | 155 | 1 | 3.00 | ଜୋର | 35.00 | 2.00 | **590** | **21,830** | **1,092** |
| 23 | ପାଷ୍ଟିପଡ଼ା (2) | କର୍ଲାପଡ଼ା | ବାଲି | 155 | 955 | 2.00 | ଜୋର | 35.00 | 2.00 | **396** | **14,652** | **733** |
| 24 | ତୁରକେଲ (1) | କର୍ଲାପଡ଼ା | ବାଲି | 221 | 270 | 12.35 | ନଦୀ | 35.00 | 2.00 | **16,120** | **5,96,440** | **29,822** |
| 25 | ଚହଗାଁ | କର୍ଲାପଡ଼ା | ବାଲି | 164 | 1 | 3.00 | ନଦୀ | 35.00 | 2.00 | **964** | **35,668** | **1,783** |
| 26 | ପାଇକ ପଡ଼ା | ବୋର୍ଡା | ବାଲି | 155 | 1/580 | 11.25 | ନଦୀ | 35.00 | 2.00 | **2000** | **74,000** | **3,700** |
| 27 | ଗଣ୍ଡବସା | ବୋର୍ଡା | ବାଲି | 109 | 81 | 5.6 | ନଦୀ | 35.00 | 2.00 | **1,796** | **66,452** | **3,323** |
| 28 | ସେଁପୁର | ବୋର୍ଡା | ବାଲି | 210 | 985 | 12.35 | ନଦୀ | 35.00 | 2.00 | **6,450** | **2,38,650** | **11,933** |
| 29 | ବୋର୍ଡା –(2) | ବାଲି | ବାଲି | 527 | 2429 | 6.80 | ନଦୀ | 35.00 | 2.00 | **5,000** | **1,85,000** | **9,250** |
| 30 | ବୋର୍ଡା -(3) | ବୋର୍ଡା | ବାଲି | 527 | 2438 | 3.5 | ନଦୀ | 35.00 | 2.00 | **3,600** | **1,33,200** | **6,660** |
| 31 | ଜୋଜନା ନୂଆପଡ଼ା | ଦେପୁର | ବାଲି | 4 | 9 | 4.28 | ନଦୀ | 35.00 | 2.00 | **368** | **13,616** | **681** |

ତହସିଲଦାର, କଳାହାଣ୍ଡି

TAHASILDAR
KALAHANDI